# ଯୌନ ଉତ୍ପୀଡନ / ଶୋଷଣ /ନିର୍ଯ୍ୟାତନାରୁ ଆପଣଙ୍କ ଶିଶୁ ସୁରକ୍ଷିତ କି ?



ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି
ମହିଳା ଓ ଶିଶୁ ବିକାଶ ବିଭାଗ
ଓଡିଶା ସରକାର

# ନିଜ ଶିଶୁର ସୁରକ୍ଷିତ ଶୈଶବ ପାଇଁ ଟିକେ ଧ୍ୟାନ ଦିଅନ୍ତୁ

## ଆପଣ ଜାଣିଛନ୍ତି କି ?

ଅଠର ବର୍ଷ ବୟସରୁ କମ୍ ଶିଶୁଙ୍କୁ ଯୌନ ଆକ୍ରମଣ, ଯୌନ ନିର୍ଯ୍ୟାତନା ତଥା କାମ ଉଦ୍ଦୀପକ ପ୍ରକାଶନରେ ବ୍ୟବହାର ଆଇନ ଅନୁଯାୟୀ ଦଣ୍ଡନୀୟ

୯୦% ଶିଶୁ ନିଜ ପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୁଅନ୍ତି କିନ୍ତୁ

କ. ସଙ୍କୋଚ

ଖ. ବଡ଼ମାନଙ୍କ ଦ୍ୱାରା ଅଣଦେଖା ବା ଅବିଶ୍ୱାସର ଭୟ

ଗ. ଅପବାଦ ଓ ସାମାଜିକ ବାସନ୍ଦର ଭୟରେ ଶିଶୁ କିମ୍ବା ପିତାମାତା ଅଭିଯୋଗ କରନ୍ତି ନାହିଁ । ପରୋକ୍ଷରେ ଶିଶୁ ଯୌନ ନିର୍ଯ୍ୟାତନାକାରୀକୁ ଆଉ ଗୋଟାଏ ଅପରାଧ କରିବାକୁ ସୁଯୋଗ ଦିଅନ୍ତି ।



# ଆପଣଙ୍କ ଶିଶୁ ଏହି ସବୁ କାରଣ ପାଇଁ ପୀଡିତ କି ?



ଯୌନ ଉଦ୍ଦେଶ୍ୟ ନେଇ ଧମକ ବା ବ୍ଲାକମେଲ




ଫୋନ୍ କିମ୍ବା ଇଣ୍ଟରନେଟ୍ ଜରିଆରେ ଯୌନ ଶୋଷଣ



ଅସୁରକ୍ଷିତ ସ୍ପର୍ଶ

## ପ୍ରତିକାର ଓ ସଚେତନତା

- ପିତାମାତା ନିଜ ଶିଶୁ, ଶିଶୁଟିର ସଂପର୍କରେ ଆସୁଥିବା ସମସ୍ତ ବୟସ୍କ ଏପରିକି ନିକଟ ସମ୍ପର୍କୀୟଙ୍କ ଠାରୁ କିପରି ସୁରକ୍ଷିତ ରହିବେ ସେ ସଂପର୍କରେ ସତର୍କ ନଜର ରଖିବା ଆବଶ୍ୟକ ।
- ପ୍ରତ୍ୟେକ ପିତାମାତା ନିଜ ଶିଶୁଙ୍କୁ ଭଲ ସ୍ପର୍ଶ ଏବଂ ଖରାପ ସ୍ପର୍ଶ ବିଷୟରେ ସଚେତନ କରାଇବା ଉଚିତ୍ ।
- ନିଜ ଶିଶୁଙ୍କୁ କୌଣସି ଅଭିଭାବକ ଦାୟିତ୍ୱରେ ଛାଡିବା ପୂର୍ବରୁ ସେମାନଙ୍କ ବିଶ୍ୱାସନୀୟତା ସୁନିଶ୍ଚିତ ହେବା ଆବଶ୍ୟକ ।

**ଯୌନ ନିର୍ଯ୍ୟାତନାରୁ ଶିଶୁଙ୍କ ସୁରକ୍ଷା ଅଧିନିୟମ, ୨୦୧୨** ଅନ୍ତର୍ଗତ ଶିଶୁଙ୍କୁ ଯୌନ ଆକ୍ରମଣ, ଯୌନ ନିର୍ଯ୍ୟାତନା ତଥା କାମ ଉଦ୍ଦୀପକମୂଳକ ପ୍ରକାଶନରେ ଶିଶୁଙ୍କୁ ବ୍ୟବହାର ଧାରା ୪, ୬, **୮, ୧୦, ୧୨, ୧୪, ୧୫ ଏବଂ ୧୭** ଅନୁସାରେ ଦଣ୍ଡନୀୟ ।

ଏହିଭଳି ଘଟଣାରେ ତୁରନ୍ତ ଦଣ୍ଡବିଧାନ ପାଇଁ ପ୍ରତ୍ୟେକ ଜିଲ୍ଲାରେ **ସ୍ୱତନ୍ତ୍ର ଶିଶୁ ନ୍ୟାୟାଳୟମାନ** ଗଠନ କରାଯାଇଛି ।

ଏହିଭଳି ଘଟଣାରେ ପୀଡିତ ଶିଶୁଙ୍କୁ **ଓଡ଼ିଶା ପୀଡିତ କ୍ଷତିପୂରଣ ଯୋଜନା** ଅନୁଯାୟୀ କ୍ଷତିପୂରଣର ବ୍ୟବସ୍ଥା କରାଯାଇଅଛି ।



# କେମିତି ଅଭିଯୋଗ ଜଣାଇ ପାରିବେ ?

- ଶିଶୁଟି ଯୌନ ଶୋଷଣ, ଯୌନ ଉତ୍ପୀଡନ କିମ୍ବା ଯୌନଗତ ହିଂସା ହେଉଥିବାର ନଜରକୁ ଆସିଲେ ତୁରନ୍ତ:

ମୋବାଇଲ ବା ଇ-ମେଲ ଦ୍ୱାରା **'POCSO eBox'** କୁ କ୍ଲିକ୍ କରି ଅଭିଯୋଗ ଜଣାଇପାରିବେ ।

ଚାଇଲଡ ଲାଇନ୍‌କୁ ୧୦୯୮ ଦେଇ ମୁକ୍ତ ନମ୍ବରରେ ଅଭିଯୋଗ କରିପାରିବେ ।

ପୋଲିସ ହେଲ୍ପ ଲାଇନ୍‌କୁ ୧୧୨ ନମ୍ବରରେ ଜଣାଇ ପାରିବେ ।




ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଦେୟ ମୁକ୍ତ ନମ୍ବର **1800 345 4494** ଅଭିଯୋଗ କରିପାରିବେ ।



ନିକଟସ୍ଥ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଶିଶୁ ମଙ୍ଗଳ ସମିତିକୁ ସୂଚନା ଦେଇପାରିବେ ।